SAMAJ - 8th JAN, 05

# କଟକ ଓ ଭୁବନେଶ୍ୱର ଯୁଗ୍ମ ନଗରୀରେ କ୍ଷିପ୍ର ଗତି ସମ୍ପନ୍ନ ଇଣ୍ଟରନେଟ୍ ସେବା

ଭୁବନେଶ୍ୱର, ତା ୭।୧ (ସ.ପ୍ର.)– କଟକ–ଭୁବନେଶ୍ୱର ଯୁଗ୍ମ ନଗରୀରେ ଘରେ ଘରେ ସୁଲଭ ମୂଲ୍ୟରେ ଇଣ୍ଟରନେଟ୍ ସେବା ଯୋଗାଇ ଦେବା ଲକ୍ଷ୍ୟନେଇ ଓରଟେଲ କମ୍ୟୁନିକେସନ୍ସ ସମଗ୍ର ଦେଶରେ ପ୍ରଥମଥର ପାଇଁ ୨୫୬ କେବିପିଏସ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ ସେବା କେବୁଲ ନେଟୱାର୍କ ମାଧ୍ୟମରେ ଯୋଗାଇବା ପାଇଁ ସକ୍ଷମ ହୋଇପାରିଛି ।

ଏଠାରେ ସୂଚନାଯୋଗ୍ୟ ଯେ ଭାରତର ଅନ୍ୟାନ୍ୟ ଇଣ୍ଟରନେଟ ସେବା ପ୍ରଦାନକାରୀ ୨୫୬ କେବିପିଏସ ସ୍ପିଡ ଦେବାପାଇଁ ଯୋଜନା କରୁଥିଲା ବେଳେ ଓରଟେଲ କମ୍ୟୁନିକେଶନ୍ସର ନେଟ ବିଭାଗ ସର୍ବପ୍ରଥମେ ସର୍ବନିମ୍ନ ୨୫୬ କେବିପିଏସ ବ୍ୟାଣ୍ଡୱିଡ୍‌ଥ ଘରୋଇ ତଥା କମରସିଆଲ ଗ୍ରାହକଙ୍କୁ ପ୍ରଦାନ କରୁଛି; ଯାହାଦ୍ୱାରା ଇଣ୍ଟରନେଟ ସେବାର ଗତି ପୂର୍ବ ଅପେକ୍ଷା ପ୍ରାୟ ୨୫ରୁ ୩୦ ଗୁଣ ଅଧିକ ହେବା ସଙ୍ଗେ ସଙ୍ଗେ କେବିପିଏସ ସ୍ପିଡ ୧୨୮ରୁ ୨୫୬କୁ ବୃଦ୍ଧିପାଇଛି ବୋଲି ସଂସ୍ଥାର ଉପସଭାପତି ବିଭୁପ୍ରସାଦ ରଥ ପ୍ରକାଶ କରିଛନ୍ତି ।

ସମ୍ପ୍ରତି ଇଣ୍ଟରନେଟର ବହୁଳ ବ୍ୟବହାର ସହ ଗ୍ରାହକମାନଙ୍କର ଦ୍ରୁତଗତିସମ୍ପନ୍ନ ବ୍ରଡବ୍ୟାଣ୍ଡ ସେବା ପ୍ରତି ଆଗ୍ରହ ଅତିମାତ୍ରାରେ ବୃଦ୍ଧି ପାଉଥିବାରୁ ସେମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଧିକ ଡାଉନଲୋଡ ସୀମା ସହ ଇଣ୍ଟରନେଟ ସଂଯୋଗ ଦେୟ ମଧ୍ୟ ଶତକଡ଼ା ୪୦% ହ୍ରାସ କରାଯାଇଛି, ଏପରିକି ପୂର୍ବେ ଯେଉଁ ମୋଡେମର ମୂଲ୍ୟ ୩୦୦୦ ଟଙ୍କା ଥିଲା, ତାହା ଏବେ ମାତ୍ର ୧୭୫୦ ଟଙ୍କାରେ ସମ୍ଭବ ହୋଇପାରିଛି ଓ ଏହି ମୂଲ୍ୟ ହ୍ରାସର ଅର୍ଥ ସବୁଶ୍ରେଣୀର ଗ୍ରାହକଙ୍କୁ ଇଣ୍ଟରନେଟ ସେବା ସୁଲଭ ମୂଲ୍ୟରେ ଯୋଗାଇବା ଆମର ଲକ୍ଷ୍ୟ ବୋଲି ଶ୍ରୀ ରଥ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି ।